## ବନମାଳୀ ପାହାଡ଼ ବ୍ଲାଷ୍ଟିଂ ବିବାଦ

# ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ

ପୋଲସରା,୨୧।୧(ସମିସ)



ପୋଲସରା ବ୍ଲକ ସୋଡ଼କ ପଞ୍ଚାୟତ ଅଧୀନ ବନମାଳୀ ପାହାଡ଼ରେ ପଥର ବ୍ଲାଷ୍ଟିଂ ଓ କ୍ରସରକୁ ନେଇ ବିବାଦ ତେଜିବାରେ ଲାଗିଛି। ଲିଜ୍‌ଧାରୀ ଓ ଗ୍ରାମବାସୀ ମୁହାଁମୁହିଁ ପରେ ଉଭୟ ନିଜ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ଗୋଟିଏ ପଟେ ଲିଜ୍‌ଧାରୀ ବ୍ଲାଷ୍ଟିଂ କରି ନିଜ ବ୍ୟବସାୟ ଆରମ୍ଭ କରିବାକୁ ଉଦ୍ୟମ ଜାରିରଖିଥିବା ବେଳେ ଅନ୍ୟପଟେ ଗ୍ରାମବାସୀ ପରିବେଶ ସୁରକ୍ଷା ପାଇଁ କୌଣସି ପ୍ରକାର ବୁଝାମଣା କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ମଙ୍ଗଳବାର ସୋଡ଼କ ଗ୍ରାମର ପ୍ରାୟ ୫୦ ଜଣ ପୁରୁଷ ମହିଳା ଶଙ୍କର ସାହୁଙ୍କ ନେତୃତ୍ୱରେ ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥି ପୂର୍ବରୁ ସୋଡ଼କ ଗ୍ରାମବାସୀ ତତ୍କାଳୀନ ତହସିଲଦାରଙ୍କୁ ଭେଟି ଏହି କ୍ରସର ବନ୍ଦ ଲାଗି ଅଭିଯୋଗପତ୍ର ପ୍ରଦାନ କରିଥିଲେ ମଧ୍ୟ ସେଥିରେ କୌଣସି ପ୍ରଶାସନିକ ପଦକ୍ଷେପ ନିଆଯାଇନଥିଲା। କ୍ରସର ଚାଲିବା ଦ୍ୱାରା ପରିବେଶ ନଷ୍ଟ ହେଉଛି ତା ସାଙ୍ଗକୁ ମାଲ ବୋଝେଇ ଭାରୀଯାନ ଚଳାଚଳ ଦ୍ୱାରା ଗ୍ରାମର ଅଧିକାଂଶ ରାସ୍ତା ନଷ୍ଟ ହେଉଛି। ବାରମ୍ବାର ବ୍ଲାଷ୍ଟିଂ ଦ୍ୱାରା ଗ୍ରାମର କିଛି ଘର ଛାତ ଫାଟିଥିବା ବେଳେ ବର୍ଷା ହେଲେ ସେଥିରୁ ପାଣି ଗଳୁଥିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ୨ ଦିନ ପୂର୍ବରୁ ବ୍ଲାଷ୍ଟିଂ ପାଇଁ ଆସିଥିବା ୬ଜଣ ବ୍ୟକ୍ତିଙ୍କ ସହ ବିସ୍ଫୋରଣ ସାମଗ୍ରୀକୁ ଧରି ଗ୍ରାମବାସୀ ପୋଲସରା ପୁଲିସ ଜିମା ଦେଇଥିଲେ। କିନ୍ତୁ କୌଣସି ସୁଫଳ ମିଳିନଥିଲା। ତୁରନ୍ତ କ୍ରସର ବନ୍ଦ ସହ ଖଣି ବିଭାଗରୁ ପାଇଥିବା ଲିଜ୍‌କୁ ବାତିଲ କରାଯାଉ ବୋଲି ଦାବି କରିଛନ୍ତି ଗ୍ରାମବାସୀ। ଏନେଇ ପୋଲସରା ତହସିଲଦାରଙ୍କ ପ୍ରକୋଷ୍ଠରେ ତହସିଲଦାର, ଅତିରିକ୍ତ ତହସିଲଦାର, ଥାନାଧିକାରୀ ଓ ମାଇନିଂ ବିଭାଗର ୨ ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍ପତ୍ତି ହୋଇପାରିନଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଆଲୋଚନା ପାଇଁ ଆସିଥିବା ମାଇନିଂ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ବେଳେ କଥାକୁ ଏଡାଇ ଏହି ଘଟଣା ଜିଲ୍ଲାପାଳଙ୍କ ଦପ୍ତରରେ ହିଁ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଅନ୍ୟପଟେ ଗ୍ରାମବାସୀ ପଥର ବ୍ଲାଷ୍ଟିଂ ବନ୍ଦ ନହେଲେ ଆନ୍ଦୋଳନ ଜାରି ରହିବ ଚେତାବନୀ ଦେଇଛନ୍ତି।

## ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ; ୧୭ ମହିଳା ଗିରଫ



ବେଲଗୁଣ୍ଠା,୨୧।୧(ସମିସ): ଗତ ମକର ଯାତ୍ରାରେ ବେଲଗୁଣ୍ଠାରେ ଦୁଇ ଦଳିତ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ମାମଲାରେ ପୁଲିସ୍ ୧୭ ଜଣ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ବେଲଗୁଣ୍ଠା ହରିଜନ ସାହିର କବିତା ନାଇକ(୪୦), ଝିଲି ନାଇକ (୪୫), ବାମା ନାଇକ(୫୨), ଭାଗ୍ୟ ନାଇକ (୫୫), କୁମାରୀ ନାଇକ(୫୫), ଭାରତୀ ନାଇକ(୪୦), ହେମ ନାଇକ(୫୦), ବବିତା ନାଇକ(୪୫), ଦମୟନ୍ତୀ ନାଇକ(୪୨), ମିନି ନାଇକ(୪୫), ସଞ୍ଜୁ ନାଇକ(୪୦), ମାଧୁରୀ ନାଇକ(୫୫), ଶଇଳ ନାଇକ(୪୬), ମଜୁଳି ନାଇକ (୫୨), ଚମ୍ପା ନାଇକ (୫୦), ବାସନ୍ତୀ ନାଇକ (୫୩) ଏବଂ ସଞ୍ଜୁ ନାଇକ (୩୮)। ସୂଚନା ପ୍ରକାରେ ଗତ ମକର ସଂକ୍ରାନ୍ତି ଦିନ ବେଲଗୁଣ୍ଠାରେ ଲକ୍ଷ୍ମୀ ନୃସିଂହ ସପନ ମେଳା ଯାତ୍ରା ଚାଲିଥିବା ବେଳେ ହରିଜନ ଉତ୍ତୁରାର ଜଣେ ଯୁବକଙ୍କୁ ବେଲଗୁଣ୍ଠା ହରିଜନ ସାହିର କିଛି ଯୁବକ ଆକ୍ରମଣ କରିଥିଲେ। ପରଦିନ ସନ୍ଧ୍ୟାରେ ବେଲଗୁଣ୍ଠା ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ହରିଜନ ଉତ୍ତୁରାର ଲୋକଙ୍କୁ ବେଲଗୁଣ୍ଠା ହରିଜନ ସାହିର ଲୋକେ ଆକ୍ରମଣ ନେଇ ଅଭିଯୋଗ ହୋଇଥିଲା। କ୍ରମେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇ ଉଭୟ ପକ୍ଷର କିଛି ଲୋକ ଆହତ ହୋଇଥିଲେ। ପରିସ୍ଥିତି ଅଶାନ୍ତ ହେବାରୁ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡ. ଦୀପକ୍ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବେଲଗୁଣ୍ଠା, ଭଞ୍ଜନଗର, ଜଗନ୍ନାଥପ୍ରସାଦ, ବୁଗୁଡ଼ା ଏବଂ ଭଞ୍ଜନଗର ପୁଲିସ୍ ବାହିନୀ ମିଳିତ ଭାବେ ପରିସ୍ଥିତିକୁ ଆୟତ୍ତ କରିବା ସହ ଉଭୟ ପକ୍ଷର ୧୦ଜଣଙ୍କୁ ଗିରଫ କରିଥିଲେ। ଏନେଇ ବେଲଗୁଣ୍ଠା ଥାନାରେ ଦୁଇଟି ମାମଲା ରୁଜୁ କରାଯାଇ ବେଲଗୁଣ୍ଠା ଥାନା ଏସ୍‌ଆଇ ଘଟଣାର ତଦନ୍ତ କରୁଥିବା ବେଳେ କେଶ୍ ନମ୍ବର ୨୭/୨୬କୁ ଭିତ୍ତି କରି ବୁଧବାର ବେଲଗୁଣ୍ଠା ପୁଲିସ୍ ଉପରୋକ୍ତ ୧୭ ମହିଳାଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି।

## ରାସ୍ତାରେ ଆବର୍ଜନା ପାଣି; ବିଡିଓଙ୍କୁ ସାହିବାସିନ୍ଦାଙ୍କ ଦାବିପତ୍ର



ସାନଖେମୁଣ୍ଡି,୨୧।୧(ସମିସ): ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ଅଧିନସ୍ଥ ୱାଡର୍ନଂ ୩ ଓ ୭ରେ ରାସ୍ତା ଯାତାୟାତ କରିବା ମୁସ୍କିଲ ହୋଇପଡ଼ିଲାଣି। ଏହି ଦୁଇ ୱାର୍ଡରେ କିଛି ଲୋକ ମଇଳା ଆବର୍ଜନା ପାଣି ରାସ୍ତାକୁ ଛାଡୁଥିବାରୁ ଏନେଇ ଅଞ୍ଚଳବାସୀ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଉକ୍ତ ସାହିରେ ଏକ ପାଣି କମ୍ପାନୀ ଥିବାରୁ କମ୍ପାନୀର ମଇଳା ପାଣି ସହ କିଛି ଲୋକ ନିଜ ଘରର ଆବର୍ଜନା ପାଣିକୁ ରାସ୍ତାକୁ ଛାଡୁଛନ୍ତି। ଫଳରେ ଲୋକ ଯିବାଆସିବାବେଳେ ଆବର୍ଜନା ପାଣିରେ ପଶି ଯିବାକୁ ପଡୁଛି। ଏନେଇ ସାହିବସିନ୍ଦା ବାରମ୍ବାର ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସମାଧାନ ଦାବି କରିଛନ୍ତି।

## ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ଶେରଗଡ଼,୨୧।୧(ସମିସ): ଶେରଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ପିଉଳ ଉଚ୍ଚ ବିଦ୍ୟାଳୟରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ବେହେରା ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଜନାର୍ଦ୍ଦନ ପାତ୍ର ଯୋଗ ଦେଇଥିଲେ। ବିଆର୍‌ସି ମାଗତା ପଣ୍ଡା ଓ ସିଆରସିସି ବିନୋଦ ସେନାପତିଙ୍କ ନେତୃତ୍ୱରେ ଶିବିର ହୋଇଥିଲା। ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରମେଶ ଚନ୍ଦ୍ର ଦଳାଇ ଚକ୍ଷୁ ପରୀକ୍ଷା କରିଥିବା ବେଳେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶୃତି ସାହୁ ଓ କୁକୁଡାଖଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରର ଓପିଏଚ ସଞ୍ଜୟ ଲେଙ୍କା ସହଯୋଗ କରିଥିଲେ। ଶିବିରରେ ମୋଟ ୨୧୩ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୦ ଜଣଙ୍କୁ ଚଷମା ଯୋଗାଇ ଦିଆଯିବ ବୋଲି ଜଣାପଡିଥିବା ବେଳେ ୭ ଜଣଙ୍କୁ ଚିକିତ୍ସା ଲାଗି ପଠାଯାଇଥିଲା।

## ପଦ୍ମ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି



ଛତ୍ରପୁର,୨୧।୧(ସମିସ): ଛତ୍ରପୁର ତାଡେପଲ୍ଲୀ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଦୁର୍ଲଭ ପଦ୍ମବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ମନ୍ଦିର ସେବାୟତମାନେ ମହାପ୍ରଭୁଙ୍କ ଆପଦ ମସ୍ତକକୁ ପଦ୍ମ ବେଶରେ ସୁସଜ୍ଜିତ କରିଥିଲେ। ମହାପ୍ରଭୁଙ୍କ କିରିଟ, ଚୁଳ, କରପଲ୍ଲଭ, ଶ୍ରୀମୁଖ ଆଦିକୁ ପଦ୍ମ ଫୁଲରେ ବିଭୂଷିତ କରାଯାଇଛି। ବୁଧବାର ସକାଳୁ ସକାଳୁ ମଙ୍ଗଳ ଆଳତି, ଭୋଗରାଗ ସମେତ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁ ମାନେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିଥିଲେ।

## ୮ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

ସାନଖେମୁଣ୍ଡି,୨୧।୧(ସମିସ): ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଆଇପିଏସ୍ (ପ୍ରୋବେସନର) ନିତେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ପାଟପୁର ଥାନା ଏସ.ଗୋପାଳପୁର ପଞ୍ଚାୟତର ଗୋଠବଣିଆ ଗ୍ରାମ ନିକଟ ଜଙ୍ଗଲରୁ ପ୍ରାୟ ୮ ଏକର ଜମିରୁ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟି ଜାଳି ଦିଆଯାଇଛି। ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ତଥା ଏକଜୁକ୍ଟିଭ ମାଜିଷ୍ଟ୍ରେଟ ଦିଲୀପ କୁମାର ଜେନା, ଆସିକା ଏସଡିପିଓ ସନ୍ତୋଷ ଜେନା, ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଅବକାରୀ ଟିମ୍‌ଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ଏହି ଚଢ଼ଉରେ ସାମିଲ ଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କୋଦଳା,୨୧।୧(ସମିସ): ରେଡକ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ପକ୍ଷରୁ ଗଞ୍ଜାମ ଜିଲ୍ଲା କୋଦଳା ସହରରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋଦଳା ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ସମେତ ପୁଲିସ କର୍ମଚାରୀ, କୋଦଳା ପିଏମ୍‌ଶ୍ରୀ ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ। ହେଲମେଟ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୋଦଳା ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ମାଝୀ, ଶିକ୍ଷକ ଶରତ ଚନ୍ଦ୍ର ଜାଲି, କୋଦଳା ଥାନା ଏସ୍‌ଆଇ ରାମଚନ୍ଦ୍ର ମିଶ୍ର, ଏଏସ୍‌ଆଇ ଗଣେଶ ବରାଡଙ୍କ ସମେତ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବନବିହାର

ଧରାକୋଟ,୨୧।୧(ସମିସ): ଧରାକୋଟ ନିକଟସ୍ଥ ଶାନ୍ତିଝର ପୀଠରେ ବ୍ରହ୍ମପୁରର ଜ୍ୟୋତି ନଗର ଓ ବ୍ରହ୍ମା ନଗରର ବରିଷ୍ଠ ନାଗରିକ ମଞ୍ଚର ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପୁଲିସ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାଗରିକ ମଞ୍ଚର ସଭାପତି ହୀନ ବେହେରା, କାର୍ଯ୍ୟକାରୀ ସଭାପତି ଡ ଅଜିତ ହୋତା, ଉପ ସଭାପତି ଶିଶିର ପଟ୍ଟନାୟକ, ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, କାର୍ଯ୍ୟକାରୀ ସମ୍ପାଦକ ସୁକାନ୍ତ ପଟନାୟକ, କୋଷାଧ୍ୟକ୍ଷ ନରୋତ୍ତମ ଦାସ ଓ ସଂଯୋଜକ ଉମାଶଙ୍କର ପାଣିଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ। ଏହି ଅବସରରେ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା।

## ପିଏସ୍‌ଟିଏର ନୂତନ କର୍ମକର୍ତ୍ତା ଚୟନ

କୁକୁଡାଖଣ୍ଡି,୨୧।୧(ସମିସ): ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଏସଟିଏ), କୁକୁଡ଼ାଖଣ୍ଡି ବ୍ଲକର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଶିକ୍ଷକମାନଙ୍କ ସ୍ୱାର୍ଥ ସୁରକ୍ଷା ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ସଭାପତି ହେମନ୍ତ କୁମାର ସେଠୀ, ଜିଲ୍ଲା ସଂପାଦକ ଜି. ତ୍ରିପତି, ରାଜ୍ୟ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ରାଜ୍ୟ ଯୁଗ୍ମ ସଂପାଦକ ମୁକ୍ତିରାମ ପାଣିଗ୍ରାହୀ, ବ୍ଲକ ସଂଘ ସଭାପତି ନିରଞ୍ଜନ ପଣ୍ଡା, ରାଜ୍ୟ ଏଲିମେଣ୍ଟାରୀ ଶିକ୍ଷକ ସଂଘର ଅଡିଟର ହରିକୃଷ୍ଣ ଗୌଡ଼ ଓ ବ୍ଲକ ଶିକ୍ଷକ ସଂଘର ସଭାପତି ବିଷ୍ଣୁ ନାୟକ ଯୋଗ ଦେଇଥିଲେ। ନିର୍ବାଚନ ଅଧିକାରୀ ଭାବେ କୃଷ୍ଣଚନ୍ଦ୍ର ବେହେରା, ନିରଞ୍ଜନ ପଣ୍ଡା ଓ ହରିକୃଷ୍ଣ ଗୌଡ଼ଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ପୂର୍ବତନ ସଭାନେତ୍ରୀ ଉଷାରାଣୀ ସାହୁଙ୍କୁ ପୁଣିଥରେ ସଭାନେତ୍ରୀ ଭାବେ ଚୟନ କରାଯାଇଥିଲା। ଏହାସହ ସନାତନ ପ୍ରଧାନଙ୍କୁ ସମ୍ପାଦକ, ଲୋକନାଥ ପ୍ରସାଦ ପାଢ଼ୀଙ୍କୁ କୋଷାଧ୍ୟକ୍ଷ, ତ୍ରିପତି ପାଢ଼ୀଙ୍କୁ ଉପସଭାପତି, ଶ୍ରୀମତୀ ସରସ୍ୱତୀ ଆଚାରୀଙ୍କୁ ଉପସଭାନେତ୍ରୀ, ସୁନିଲା କୁମାରୀ ଓ ରମେଶ ସେଠୀଙ୍କୁ ସହସଂପାଦକ ଏବଂ ସାଗରିକା ପଟ୍ଟନାୟକଙ୍କୁ କାର୍ଯ୍ୟକାରୀ ସଂପାଦକ ଭାବେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ସଭାନେତ୍ରୀ ଉଷାରାଣୀ ସାହୁ ପରିଚାଳନା କରିଥିବା ବେଳେ ସମ୍ପାଦକ ସନାତନ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିଭ୍ରାନ୍ତିକର ତଥ୍ୟ ଲାଗି ଗାଡ଼ି ଚାଳକ ହଟହଟା

ଆସିକା,୨୧।୧(ସମିସ): ଆସିକା କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତା ଏକ ଦୁର୍ଘଟଣା ପ୍ରବଣ ରାସ୍ତା। ଏହି ରାସ୍ତାରେ ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଏହି ରାସ୍ତାରେ କଲେଜ ଛକର ଧୋବାପଲ୍ଲୀ ଯିବା ରାସ୍ତାରେ ରାଜାମା ଠାକୁରାଣୀଙ୍କ ତୋରଣ ନିକଟରେ ଗାଡି ଚାଳକଙ୍କ ପାଇଁ ରାସ୍ତା ଜାଣିବାରେ ସହଜ କରିବାକୁ ଏକ ଉଚ୍ଚ ଖୁଣ୍ଟରେ ହୋଡ଼ିଂ ଲଗାଇ ବ୍ରହ୍ମପୁର, ହିଂଜିଳି, ଆସିକା ବାଲିପଦର, ଭଞ୍ଜନଗର, ଫୁଲବାଣୀ ରାସ୍ତାର ଦିଗ ଦର୍ଶାଯାଇଛି। ପ୍ରକୃତରେ ଏହି ସ୍ଥାନ ଠାରୁ ପ୍ରାୟ ଦୁଇ କିଲୋମିଟର କଇଁଫୁଲିଆ ଛକରେ ଏହି ହୋଡ଼ିଂର ଆବଶ୍ୟକତା ଥିବା ବେଳେ ପୂର୍ତ୍ତ ବିଭାଗ ଏହି ସ୍ଥାନରେ ହୋଡ଼ିଂ ଲଗାଇ ସମସ୍ୟା ବଢ଼ାଇ ଦେଇଛି। କିନ୍ତୁ ଏହି ସ୍ଥାନରେ ପହଞ୍ଚିବା ପରେ ଦୂରଦୂରାନ୍ତରୁ ଆସିଥିବା ଗାଡି ଗୁଡିକ ହଟହଟା ହେଉଛନ୍ତି। ଏହି ସ୍ଥାନରେ ଲେଖାଯାଇଥିବା ସ୍ଥାନ ଗୁଡିକୁ କୌଣସି ରାସ୍ତା ନାହିଁ। କିନ୍ତୁ ପୂର୍ତ୍ତ ବିଭାଗର ଦାଇତ୍ୱରେ ଥିବା ଯନ୍ତ୍ରୀଙ୍କ ଅପାରଗତା କାରଣରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଦୀର୍ଘ ଦିନ ହେଲା ଏହି ହୋଡ଼ିଂ ଲାଗିଥିବା ବେଳେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି। ଏହି ବିଷୟରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଶୀଘ୍ର ତ୍ରୁଟି ସଂଶୋଧନ କରିବେ ବୋଲି କହିଛନ୍ତି।

## ରାଜନେତା ରେବତୀଙ୍କ ସ୍ମୃତିସଭା

ବୁଗୁଡା,୨୧।୧(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ତଥା ବୁଗୁଡା ରାଜନୈତିକ ପରିମଣ୍ଡଳରେ ଭୀଷ୍ମ ପିତାମହ ରେବତୀ ମୋହନ ନାୟକଙ୍କ ଦ୍ୱାଦଶାହରେ ତାଙ୍କର ପୈତୃକ ଗ୍ରାମ ବି.କରଡ଼ାବାଡ଼ିରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଦୟାନିଧି ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ପ୍ରାକ୍ତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ଶ୍ରୀକାନ୍ତ ସାହୁ, ପ୍ରାକ୍ତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଲତିକା ପ୍ରଧାନ, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଓ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ନଗର ନିଗମ ମେୟର ସଙ୍ଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲା ବିଜେଡି ପ୍ରାକ୍ତନ ସଭାପତି ସୁବାସ ଚନ୍ଦ୍ର ମହାରଣା, ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ହିଞ୍ଜିଳିକାଟୁ ବିଧାୟକ ପ୍ରତିନିଧି ଦେବେନ୍ଦ୍ର ମହାପାତ୍ର, ରାମନାରାୟଣ ସାହୁ ଓ କିଶୋର ଚନ୍ଦ୍ର ବେହେରା, ବଂଶୀଧର ନାୟକ, ନିରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବେଳେ ପୋଲସରା ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ, ଦେବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସିଙ୍ଗିପୁର ଓ ଡେଙ୍ଗାଓସ୍ଥାରେ ଚୋର ଆତଙ୍କ

**ଦୁଇ ଦିନରେ ୬ ଘରୁ ଚୋରି**

ସାନଖେମୁଣ୍ଡି,୨୧।୧(ସମିସ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ସିଙ୍ଗିପୁରରେ ଗୋଟିଏ ରାତିରେ ତିନୋଟି ଘରେ କଳାକନା ବୁଲାଇଛନ୍ତି ଦୁର୍ବୃର୍ତ୍ତ। ନିଶା ଦେଇ ଲୁଟି ନେଲେ ଟଙ୍କା ପଇସା ସୁନା ଗହଣା। ପାଟପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିଙ୍ଗିପୁର ଭଣ୍ଡାରିସାହି ଦଣ୍ଡପାଣି ନାୟକଙ୍କ ଘରୁ ଦେଢ଼ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଏବଂ ଟୁନା ସାହୁଙ୍କ ଘରୁ ରୁପା ଅଳଙ୍କାର ସହ ଟଙ୍କା ଓ ସେହି ସାହିର ଆଉ ଜଣଙ୍କ ଘରେ କେହି ନଥିବାରୁ କବାଟ ଭାଙ୍ଗି ଚୋରି ହୋଇଥିବା ସୂଚନା ମିଳିଛି। ଗୋଟିଏ ଦିନ ପୂର୍ବରୁ ମଧ୍ୟ ସିଙ୍ଗିପୁର ପଞ୍ଚାୟତ ଖଜୁରିପଦା ଗ୍ରାମର କୋରେଣ୍ଣୁ ମହାଙ୍କୁଡ ଘରୁ କବାଟ ଭାଙ୍ଗି ସୁନା, ରୁପା ଅଳଙ୍କାର ସହ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ବେଳେ ସେହି ସାହିର ଅନ୍ୟ ୨ ଜଣଙ୍କ ଘରୁ ଚୋରି ହୋଇଥିବା ସୂଚନା ମିଳିଛି। ଯାହା ପାଟପୁର ପୁଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଅଞ୍ଚଳରେ ଏଭଳି ଚୋରିକୁ ନେଇ ଅଞ୍ଚଳବାସି ଭୟଭୀତ ହୋଇପଡ଼ିଥିବା ବେଳେ ସିସିଟିଭି ଫୁଟେଜ ଯାଞ୍ଚ କରୁଛି ପୁଲିସ।

## ପିକ୍‌ଅପ୍ ଭ୍ୟାନ ଧକ୍କାରେ କ୍ୟାବିନ୍ ସହ ୨ ବାଇକ୍ ଚୁରମାର

**ଦୋକାନୀ ଗୁରୁତର**

ଦିଗପହଣ୍ଡି,୨୧।୧(ସମିସ): ବୁଧବାର ସକାଳୁ କେ.ନୂଆଗାଁ ଥାନା ଅଧିନସ୍ଥ ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଦେଖାଳି ଗାଁ ଛକରେ ଏକ ପିକଅପ୍ ଭ୍ୟାନ ଧକ୍କାରେ ଏକ ଚାହା କ୍ୟାବିନ୍ ସମେତ ଦୁଇଟି ବାଇକ ଚୁରମାର୍ ହୋଇଯାଇଛି। ମଠସାହିର ଚା’ ଦୋକାନୀ କୁରା ବେହେରା ଏଥିରେ ଗୁରୁତର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। କୁରା ବୁଧବାର ସକାଳ ପ୍ରାୟ ୭ ଟାରେ ଦୋକାନ ଖୋଲି ଚା’ କରୁଥିବାବେଳେ ଚିକିଟିରୁ ଦିଗପହଣ୍ଡି ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ପିକଅପ ଭ୍ୟାନ (ନଂ.ଓଡି୦୨ବି-ଏମ୍ ୬୮୪୦) କ୍ୟାବିନକୁ ଧକ୍କା ଦେବା ସହ ସେଠାରେ ଥିବା ଦୁଇଟି ବାଇକକୁ ଘୋଷାଡ଼ି ନେଇଥିଲା। କ୍ୟାବିନ୍ ଭିତରେ ଥିବା କୁରା ଗୁରୁତର ହୋଇଥିଲେ।

## ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ଶିବିର

ଭଞ୍ଜନଗର,୨୧।୧(ସମିସ):କ୍ଷତ୍ରୀୟବରପୁର ଆଞ୍ଚଳିକ ସ୍ନାତକ କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଗିରିଧର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କମଳା କୁମାରୀ ପ୍ରଧାନ, ରାମକୃଷ୍ଣ ଦାସ ଏବଂ କାମରାଜୁ ଗୌଡ଼ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ଗିରିଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ଏସ୍‌ଏସ୍ ଅଧିକାରୀ ସୀମାଞ୍ଚଳ ମହାନ୍ତି ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ସଫେଇ ସହ ଲୋକଙ୍କୁ ସଚେତନ କରିଥିଲେ। ଏସ୍‌ଏସ୍‌ଏସ୍ ଅଧିକାରୀ ସୀମାଞ୍ଚଳ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ତିନି ଦିନରେ ପହଞ୍ଚିଲା ଡାକଘର ଉଚ୍ଛେଦ ପ୍ରତିବାଦରେ ଧାରଣା



ରମ୍ଭା,୨୧।୧(ସମିସ): ବୁଧବାର ଦିନ ମିଞ୍ଚିନିପାଟଣା ଡାକଘର ଉଛେଦ ପ୍ରତିବାଦ ଗଣଧାରଣା ଆଞ୍ଚଳିକ ଉନ୍ନୟନ କମିଟି, ବୁଦ୍ଧିଜୀବୀ, ଜ୍ଞାନୀଗୁଣି ଓ ହିତାଧିକାରୀ ବ୍ୟକ୍ତିମାନଙ୍କୁ ନେଇ ତିନି ଦିନ ହେଲା ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁ ରହିଛି। ଉଚ୍ଛେଦ ବନ୍ଦ ଲାଗି ଚିଠି ନ ଆସିଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଧାରଣା ଦେଇଥିବା ବ୍ୟକ୍ତିମାନେ କହିଛନ୍ତି। ଏହି ଆନ୍ଦୋଳନ ପ୍ରାକ୍ତନ ସେନା ଅଧିକାରୀ ତାରିଣୀ ଚରଣ ପାତ୍ରଙ୍କ ସଭାପତିତ୍ୱରେ ଉପସ୍ଥିତ ସମାଜସେବୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ରାଜନେତା ତଥା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ମହିଳା ନେତ୍ରୀ ଏନ. ଭାନୁମତି ରେଡି, ଦଳିତ ଶିକ୍ଷକ ନେତା ନାରାୟଣ ନାୟକ, ଜବାହାରାଲାଲ ସାହୁ, କୃଷକ ନେତା ଭାସ୍କର ପାତ୍ର, ଜେ ଲୋକନାଥ, ଇନ୍ଦ୍ର ଜେନା, ଲମ୍ବୋଦର ମହାନ୍ତି, ରବୀନ୍ଦ୍ର ଗୌଡ଼, ଲକ୍ଷ୍ମଣ ପାତ୍ର, ଗୋବିନ୍ଦ ପାତ୍ର ଓ ଅନ୍ୟାନ୍ୟ ମହିଳା ଛାତ୍ରଛାତ୍ରୀ ଶତାଧିକ ଉପସ୍ଥିତ ଥିଲେ।

## ପିପଲପଙ୍କା ଋଷିକୁଲ୍ୟା ଡ୍ୟାମ୍ ନେଇ ଜନଶୁଣାଣିକୁ ବିରୋଧ

# ଲୋକଙ୍କ ଜମିକୁ କମ୍ପାନୀ ହାତକୁ ଟେକି ଦିଆ ନଯାଉ

ସୋରଡ଼ା,୨୦।୧(ସମିସ): ବୁଧବାର ସୋରଡ଼ା ନିକଟରେ ପ୍ରସ୍ତାବିତ ପିପଲପଙ୍କା ଋଷିକୁଲ୍ୟା ଡ୍ୟାମନେଇ ଜନଶୁଣାଣିକୁ ଗାଜଲବାଡ଼ି ପଞ୍ଚାୟତର ବହୁ ଜନସାଧାରଣ ଓ ଚାଷୀ ବିରୋଧ କରିଥିଲେ। ଏହି ଡ୍ୟାମଟି ନୂଆ କରି ସର୍ଭେ ହୋଇଥିବା ପ୍ରକାରେ ମୋଟ ୨୭୨୫ ଏକର ପରିମିତ ଅଞ୍ଚଳରେ ହେବାକୁ ଯାଉଥିବା ବେଳେ ମୋଟ ୮୬ଏକର ପଟ୍ଟା ଜମି ଓ ବାକି ସବୁ ସରକାରୀ। ସେଥିମଧ୍ୟରୁ ସଂରକ୍ଷଣ ଜଙ୍ଗଲ ଜମିରୁ ୨୦୯୪ ଏକର, ରାଜସ୍ୱ ଜଙ୍ଗଲ ଜମିରୁ ୪୫୦ ଏକର, ରାଜସ୍ୱ ଜମିରୁ ୯୫ ଏକର ଜମିରେ ପ୍ରକଳ୍ପ ହେଉଥିବା ସ୍ଥାନୀୟ ତହସିଲଦାର ଜଣାଇଥିଲେ। ଏହି ପ୍ରକଳ୍ପ ହେବା ଫଳରେ ଗାଜଲବାଡ଼ି ପଞ୍ଚାୟତର ୭୦୦ହେକ୍ଟର ଓ ଗୋଛା, ଅସୁରବନ୍ଧ, ବଡ଼ବଦାଙ୍ଗି, ଭଗବାନପୁର, ଗେଞ୍ଜା ଏବଂ ଗୋପାଳପୁର ଶାସନ ପଞ୍ଚାୟତର ପ୍ରାୟ ୧୮୦୦ ହେକ୍ଟର ଏପରି ମୋଟ ୨୫୦୦ ହେକ୍ଟର ଚାଷଜମିକୁ ଜଳସେଚିତ କରିବା ପାଇଁ ପ୍ରସ୍ତାବିତ ପ୍ରକଳ୍ପରେ ବଜେଟ ରଖାଯାଇଥିବା କହିଥିଲେ।

ମାତ୍ର ସ୍ଥାନୀୟ ଚାଷୀଙ୍କ ଦାବି ଥିଲା ଯେ, କୌଣସି ଶିଳ୍ପ ଅନୁଷ୍ଠାନକୁ ଜମି ଟେକି ଦିଆନଯାଉ ଏବଂ ବହୁବର୍ଷ ହେବ ଯେଉଁ ସରକାରୀ ଜମିରେ ଗଛ ଲଗାଇ ପରିବାର ପ୍ରତିପୋଷଣ କରୁଛନ୍ତି ତାକୁ ମଧ୍ୟ ସରକାରୀ ପ୍ରୋତ୍ସାହନ ଦିଆଯାଉ। ଏହାସହିତ ଯେଉଁ ଜଙ୍ଗଲ ଜମିରେ ଯେଉଁ ମାନଙ୍କ ଅଧିକାର ଅଛି ତାଙ୍କୁ ୨୦୦୬ଜଙ୍ଗଲ ଜମି ଆଇନ ଅନୁସାରେ ଜମି ପଟ୍ଟା ପ୍ରଦାନ କରି କ୍ଷତିପୂରଣ ଦିଆଯାଉ। ଏହିସବୁ ପାଳନ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଜନଶୁଣାଣିରେ ଦାବି କରିବା ସହ ଏହାକୁ ସରକାର ଗ୍ରହଣ ନକରିଲେ ସେଠାରେ ଆମେ ପ୍ରସ୍ତାବିତ ପ୍ରକଳ୍ପ କରେଇଦେବୁ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ।

ସରକାରଙ୍କ ସହିତ ଆଲୋଚନା କରି ଜଙ୍ଗଲ ଜମିର ପ୍ରାବଧାନ ବ୍ୟବସ୍ଥା ଅନୁଯାୟୀ ସହାୟତା ନେଇ ଉପସ୍ଥିତ ଅଧିକାରୀଗଣ ବୁଝାଇଥିଲେ। ସୋରଡ଼ା ତହସିଲଦାର ଗୋପାଳ କୃଷ୍ଣ ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣିରେ ଭଞ୍ଜନଗର ଅତିରିକ୍ତ ଉପଜିଲ୍ଲାପାଳ ତୁଳିଆମା ପ୍ରଧାନ ବିଭିନ୍ନ ପଦାଧିକାରୀଙ୍କ ରାଜସ୍ୱ ସୁପରଭାଇଜର ମନୋଜ କୁମାର ବିଷୋୟୀ ରାଜସ୍ୱ ନିରୀକ୍ଷକ, ଆସ୍କା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କେ. ଦେବେନ୍ଦ୍ର ପ୍ରଧାନ ଓ ଏହି ଡ୍ୟାମ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ସେଠୀ, ବୈରାଗୀ ଚରଣ ଜେନା, ପୀତବାସ ମାଝୀ, କନିଷ୍ଠ ଯନ୍ତ୍ରୀଶିବନି ସାହୁ, ବିଜୟ କୁମାର ଗମାଙ୍ଗ, ପିଇଓ ଗାଜଲବାଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ଗାଜଲବାଡ଼ି ସରପଞ୍ଚ ରଶ୍ମିତା ଆଚାର୍ଯ୍ୟ, ସମିତି ସଭ୍ୟା ମଞ୍ଜୁଳା ନାୟକ, ସରକାରୀ ଆଇନଜୀବୀ ରଜନୀ କୁମାର ପଟ୍ଟନାୟକ, ପୂର୍ବତନ ଗାଜଲ ବାଡ଼ି ସରପଞ୍ଚ ଧୁଶାସନ ମଲ୍ଲିକ ଓ ଉପେନ୍ଦ୍ର କୁମାର ବେହେରାଙ୍କ ସହ ଗାଜଲବାଡ଼ିର ଚାଷୀ ଓ ଜନସାଧାରଣ ଉପସ୍ଥିତ ରହିଥିଲେ।

# ଗଜପତିରେ ମିଲର୍‌ଙ୍କ ମନମାନୀ; ଚାଷୀ ହନ୍ତସନ୍ତ



ପାରଳାଖେମୁଣ୍ଡି,୨୧।୧(ସମିସ): ଗଜପତି ଜିଲ୍ଲାରେ ଡିସେମ୍ବର ୩୦ରେ ଧାନମଣ୍ଡି ଆନୁଷ୍ଠାନିକ ଭାବେ ଖୋଲାଯାଇଥିଲେ ମଧ୍ୟ ଧାର୍ଯ୍ୟ ତାରିଖରୁ ବହୁ ବିଳମ୍ବରେ ମଣ୍ଡିରୁ ଧାନ ଉଠିଛି। ମିଲ୍ ସମ୍ମୁଖରେ ଧାନବସ୍ତା ଭର୍ତ୍ତି ଟ୍ରାକ୍ଟର ଅଧା କିମି ବାଟ ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ହୋଇ ରହିଥିବା ବେଳେ ଏହି ଧାନକୁ ଚାଷୀ ମିଲକୁ ନେଉଥିବା ଜଣାପଡିଛି। ନିୟମ ଅନୁଯାୟୀ, ଚାଷୀ ପ୍ରଥମେ ମଣ୍ଡିକୁ ଧାନ ନେବା ପରେ ଧାନର ମାନଦଣ୍ଡ ମେସିନ୍ ମାଧ୍ୟମରେ ନିର୍ଦ୍ଧାରଣ ହୋଇ ସେଠାରେ ହିଁ ଧାନ ଓଜନ କରାଯାଇଥାଏ। ପରେ ସେଠାରୁ ମିଲ୍ ଗାଡ଼ିରେ ଧାନ ବସ୍ତା ମିଲ୍‌କୁ ଯିବା କଥା। ହେଲେ ନିଜେ ଖର୍ଚ୍ଚ ବହନ କରି ଧାନ ମିଲକୁ ନେଉଥିବା ଚାଷୀ କହିଛନ୍ତି। ଧାନ ନେବା ପାଇଁ ପରିବହନ ଖର୍ଚ୍ଚ ମିଲ୍‌କୁ ଦିଆଯାଉଛି। ସବୁ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ସମସ୍ତେ ମିଳିମିଶି ଚାଷୀଙ୍କୁ ଶୋଷଣ କରୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ଚାଷୀ ନିଜର କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନକୁ ମଣ୍ଡିରେ କିମ୍ବା ଧାନଖଳାରେ ପକାଇ ନିଦ ହଜାଇ ଜଗି ବସିଛନ୍ତି। ଚଳିତବର୍ଷ ଜିଲ୍ଲାରେ ଧାନକିଣା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ପୂର୍ବ ବର୍ଷମାନଙ୍କରେ ଜାନୁଆରୀ ମାସ ଶେଷ ସୁଦ୍ଧା ଶତ ପ୍ରତିଶତ ଧାନକିଣା ସରିଯାଇଥାଏ। ହେଲେ ଏ ବର୍ଷ ମନ୍ଥର ଗତିରେ ଧାନ କ୍ରୟ ଚାଲିଛି। ବିଗତ ବର୍ଷ ବର୍ଷାର ଦ୍ୱାହି ଦେଇ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଧାନକ୍ରୟ ଚାଲିଥିଲା। ହେଲେ ଚଳିତ ବର୍ଷ ଚାଷୀଙ୍କ ଧାନ ଭଲ ଧାନ ଅମଳ ହେବା ସାଙ୍ଗକୁ ପାଗ ମଧ୍ୟ ଖୁବ୍ ଭଲ ରହିଛି। ଚାଷୀମାନେ ଭାବିଥିଲେ ଯେ ଚଳିତ ମକର ସଂକ୍ରାନ୍ତି ପୂର୍ବରୁ ବିକ୍ରି କରି ଚିନ୍ତାମୁକ୍ତ ହେବେ। ହେଲେ ଦୁଇବର୍ଷ ହେଲା ଡବଲ ଇଞ୍ଜିନ ସରକାର ଚାଷୀଙ୍କ ଡବଲ ଧୋକା ଦେଇ ନାନାଦି ହଇରାଣ କରୁଛନ୍ତି। ଜନ୍ଦା ପିମ୍ପୁଡିଙ୍କୁ ଗୁଡ଼ ଖଣ୍ଡିଏ ପକାଇବା ସଦୃଶ ଚାଷୀଙ୍କୁ ଇନପୁଟ୍ ସବ୍‌ସିଡି ଦେଇ ମୁଣ୍ଡ ଉପରେ ଖଣ୍ଡା ଝୁଲାଇ ରଖିଛନ୍ତି ବୋଲି ଚାଷୀ ମାନେ କହିଛନ୍ତି।

ଜିଲ୍ଲାରେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୬ ହାଜର କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ୫୧.୬୩ ପ୍ରତିଶତ ପୂରଣ ହୋଇପାରିନି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଧାନକ୍ରୟ ଲକ୍ଷ୍ୟଧାର୍ଯ୍ୟ ୨୭.୧୪ ପ୍ରତିଶତ ରହିଛି। ଧାନ କ୍ରୟ ପାଇଁ ଜିଲ୍ଲାରେ ୧୫ ହଜାର ୫୧୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏବେ ସୁଦ୍ଧା ପ୍ରାୟ

## ଗାଡ଼ି କରି ମିଲ୍‌କୁ ଧାନ ନେଉଛି ଚାଷୀ

## ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

୭୦ ଭାଗ ଚାଷୀଙ୍କ ଧାନ ଅମଳ ହୋଇ ଖଳା କିମ୍ବା ମଣ୍ଡିରେ ପଡିରହିଛି। ଏପର୍ଯ୍ୟନ୍ତ ଜିଲ୍ଲାରେ ମିଲରଙ୍କ ସହ ଚୁକ୍ତି ଚାଲିଛି। ଚୁକ୍ତି କରାଯାଇଥିବା କିଛି ମିଲର ଠିକ୍ ସମୟରେ ଧାନ ଉଠାଉନଥିବାରୁ ସମସ୍ୟା ସୃଷ୍ଟି ହେଉଛି। କିଛି ମିଲର ପାଞ୍ଜି ଦେଖି ଶୁଭଦିନରେ କିଣିବେ ବୋଲି କିଛି ଅଧିକାରୀଙ୍କୁ କହିଥିବା ଚାଷୀଙ୍କ ସୂତ୍ରରୁ ଜଣାପଡିଛି। ଜିଲ୍ଲାରେ ଗତ ଦୁଇବର୍ଷ ମଧ୍ୟରେ ହିଁ ଏପରି ପରିସ୍ଥିତି ଦେଖାଦେଇଛି। ପୂର୍ବରୁ ସାମାନ୍ୟ ହଟହଟା ହେଉଥିଲେ ମଧ୍ୟ ସମାଧାନର ବାଟ ଫିଟୁଥିଲା। ସେପଟେ ଜିଲ୍ଲା ପ୍ରଶାସନ ସବୁ ଜାଣି ନିଦା ବିଷ୍ଣୁ ସାଜିଛି। ଅପରପକ୍ଷେ ସମସ୍ତ ପ୍ରକାରର ବୋଝ ଚାଷୀ ମୁଣ୍ଡାଇବାକୁ ପ୍ରସ୍ତୁତ ରହିଥିଲେ ମଧ୍ୟ ମିଲର୍‌ଙ୍କ ନିକଟକୁ ଯିବାପରେ ବ୍ୟାପକ କଟ୍‌ନୀ ଛଟ୍‌ନୀ ହେଉଛି। ମିଲର୍ ମାନେ ୮୦ କେଜି ବସ୍ତାରେ ୪ କେଜିରୁ ଅଧିକ କାଟୁଛନ୍ତି। ୧୦୦କେଜି ଧାନରେ ୪ କେଜି କାଟିଥିଲେ ସେ ଅଲଗା କଥା ବୋଲି ଏନେଇ ଚାଷୀ ନେତା ଦାମୋଦର ରାଓ କହିଛନ୍ତି। ସମସ୍ୟାରେ ଚାଷୀ ରହିଥିଲେ ମଧ୍ୟ ଜିଲ୍ଲାରେ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି।

ଲାଗୁଛି ଚଳିତ ଥର ଧାନକ୍ରୟ ପାଇଁ ମିଲର୍‌ଙ୍କ ହାତରେ ସରକାର ଓ ପ୍ରଶାସନ ରହିଛନ୍ତି। ମିଲର୍ ମନ ମୁତାବକ କାର୍ଯ୍ୟ କରୁଛନ୍ତି ବୋଲି ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ପ୍ରଭାରୀ ରଞ୍ଜିତ ପଟ୍ଟନାୟକ କହିଛନ୍ତି। ପ୍ରତ୍ୟେକ ବର୍ଷ ଚାଷୀଙ୍କୁ ଅଖା ବାବଦକୁ ଅର୍ଥ ଦିଆଯାଉ ନ ଥିବା ବେଳେ ଏବାବଦକୁ ଆସୁଥିବା ଅର୍ଥକୁ ମିଲର, ବିଭାଗୀୟ କର୍ତ୍ତୃପକ୍ଷ ମିଳିମିଶି ହଡପ କରୁଥିବା ଅଭିଯୋଗ ହେଉଛି। ଚଳିତ ମାସ ୨୮ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ଧାନମଣ୍ଡି ଖୋଲା ନ ଗଲେ ୧୦ହଜାରରୁ ଅଧିକ ଚାଷୀ ଏକତ୍ର ହୋଇ ପାରଳାଖେମୁଣ୍ଡି ରାମସାଗର ଛକରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଯଦି କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜେ ସିଧାସଳଖ ଜିଲ୍ଲା ପ୍ରଶାସନ ହିଁ ଦାୟୀ ରହିବେ ବୋଲି ଚରମ ବାଣୀ ଶୁଣାଇଛନ୍ତି। ଧାନକିଣା ବିଳମ୍ବର ଫାଇଦା ନେଇ ମିଲର୍‌ଙ୍କ ସହ ବିଭାଗୀୟ ଅଧିକାରୀ ଓ କିଛି ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ମିଳିମିଶି ଏବେ ନୂଆ ସୂତ୍ର ପକାଇ ଅର୍ଥ ହଜମ କରିବା ଆରମ୍ଭ କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ସୀମାନ୍ତ ଓଡ଼ିଶାରେ ଏପରି ମଣ୍ଡି ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥାର ଫାଇଦା ଉଠାଇବାକୁ ଲାଗିଛନ୍ତି ଆନ୍ଧ୍ରର ଧାନ ବେପାରୀ। ଚାଷୀଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇ ଶାଗମାଛ ଦରରେ ଧାନ କିଣି ତାହାକୁ ପୁଣି ଓଡିଶାର କିଛି ମିଲ୍‌ରଙ୍କ ସହାୟତାରେ ଓଡ଼ିଶା ସରକାରୀ ଦରରେ ବିକ୍ରି କରିବା ପାଇଁ ଉଦ୍ୟମ ଚଳାଇଥିବା ମଧ୍ୟ ଅଭିଯୋଗ ହେଉଛି। ସମସ୍ତ ସମସ୍ୟାର ଠିକ୍ ଭାବେ ଯାଞ୍ଚ କରି ଏହି କାରବାରରେ ଲିପ୍ତ ଥିବା ମିଲରଙ୍କ୍ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ୨ ବାଇକ୍ ମୁହାଁମୁହିଁ; ଜଣେ ଚାଳକ ଗୁରୁତର

ପାରଳାଖେମୁଣ୍ଡି,୨୧।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ସାତମାଇଲ ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ବୁଧବାର ଅପରାହ୍ନରେ ଏକ ବାଇକରେ ପାରଳାଖେମୁଣ୍ଡିରୁ ଉପଲଡା ଅଭିମୁଖେ ଯାଉଥିବା ଆଲୋକ କୁମାର ହୋତାଙ୍କ ସହ ବିପରୀତ ଦିଗରୁ ବୁଲେଟରେ ଆସୁଥିବା କରଡାସିଂ ନିକଟସ୍ଥ ଗିରିସନ୍ ସିଂ ନାମକ ଯୁବକଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଆଲୋକ ଗୁରୁତର ହୋଇଛନ୍ତି। ଗିରିସନ୍‌ଙ୍କୁ ସାମାନ୍ୟ ଆଘାତ ଲାଗିଥିବାବେଳେ ତାଙ୍କ ପଛରେ ପସିଥିବା ଯୁବତୀ ଆହତ ହୋଇଛନ୍ତି। ଖବର ପାଇ ପୁଲିସ ଆସି ଗୁରୁତରଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ନେଇଥିଲେ। ଗୁରୁତର ଆଲୋକଙ୍କ ଘର ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବୋଲି ଜଣାପଡିଥିବା ବେଳେ ସେ ପାରଳାଖେମୁଣ୍ଡି ସ୍ଥିତ ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ କାମ କରୁଛନ୍ତି। ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ମୋହନା,୨୧।୧(ସମିସ): ମୋହନା ବ୍ଲକ୍ କାର୍ଯ୍ୟାଳୟ ସମିତି ସଭାଗୃହରେ ଆଗାମୀ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିଲା। ଏହି ଦିବସକୁ କିପରି ସମସ୍ତଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ମହାସମାରୋହରେ ପାଳନ କରାଯିବ ସେ ସଂପର୍କରେ ବିଡ଼ିଓ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ପରିପେକ୍ଷୀରେ ସାମ୍ବାଦିକ ସଂଘ, ବଣିକ ସଂଘ, ଯୁବକ ସଂଘ, ଓକିଲ ସଂଘ, ସ୍ଥାନୀୟ ଉନ୍ନୟନ ପରିଷଦ, ଅଟୋ ସଂଘ, ଡ୍ରାଇଭର ସଂଘ, ସରପଞ୍ଚ, ସମିତିସଭ୍ୟ, ରେଞ୍ଜର, ଶିଶୁ ମନ୍ଦିର , ଶିଶୁବିକାଶ ବିଭାଗର କର୍ମକର୍ତ୍ତାଙ୍କ ସହ ଦିଲ ସେ ଇଣ୍ଡିଆ ସଂଘର ବିଭିନ୍ନ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିପାଇଁ ବିଭିନ୍ନ ବିଭାଗ ପାଇଁ କମିଟି ଗଠନ ହୋଇଥିଲା। ବୈଠକରେ ବ୍ଲକ ସହକାରୀ ନିବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ, ସରପଞ୍ଚ ସୁନିତା ମଳିକ, ସମିତି ସଭ୍ୟ ବାଳକୃଷ୍ଣ ମଳିକଙ୍କ ସମେତ ମୋହନା ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଖୋଖୋ ଖେଳାଳିଙ୍କୁ ଭୁଲିଗଲା ଜିଲ୍ଲା ପ୍ରଶାସନ

ପାରଳାଖେମୁଣ୍ଡି,୨୧।୧(ସମିସ): ଗଜପତି ମାଟିର ସନ୍ତାନକୁ ଗଜପତି ଜିଲ୍ଲା ପ୍ରଶାସନ ଜିଲ୍ଲା ମହୋତ୍ସବରେ ସମ୍ମାନ ଦେବାକୁ ଭୁଲିଗଲା। ମାଟିର ସନ୍ତାନ ଅନ୍ତର୍ଜାତୀୟ ଖୋଖୋ



ଦଳକୁ ବିଜୟ ମୁକୁଟ ପିନ୍ଧାଇଥିବାରେ ପ୍ରମୁଖ ଭୂମିକା ନେଇଥିବା ଗୋଷାଣି ବ୍ଲକ ଲାବାଣ୍ୟଗଡ଼ ପଞ୍ଚାୟତ ଅନ୍ତର୍ଗତ ଭେଙ୍କଟାପୁର ଗ୍ରାମର ପାବନୀ ଶବରଙ୍କୁ ପ୍ରଶାସନ ଭୁଲିଯାଇଛି। ଗତ ବର୍ଷ ଭାରତରେ ହୋଇଥିବା ଅନ୍ତର୍ଜାତୀୟ ଖୋଖୋ ପ୍ରତିଯୋଗିତାରେ ଓଡିଶାର ଏକ ମାତ୍ର ପୁରୁଷ ଖେଳାଳୀ ଭାବେ ଭାଗ ନେଇଥିଲେ ଆଉ ଦେଶକୁ ଖୋଖୋରେ ବିଜୟ ମୁକୁଟ ପିନ୍ଧାଇବାରେ ପ୍ରମୁଖ ଭୂମୀକା ଗ୍ରହଣ କରିଥିଲେ ପାବନୀ। ଏହାପର ଠାରୁ ସ୍ଥାନୀୟ ପ୍ରଶାସନ କି ଜିଲ୍ଲା ପ୍ରଶାସନ କୌଣସି ସ୍ୱାଗତ କି ଶୁଭେଚ୍ଛା ଜଣାଇନାହାଁ। ପାବନୀ ନିଜ ଗ୍ରାମକୁ ଆସିବା ଅବସରରେ ସେ ପଢୁଥିବା ଗାରାବନ୍ଧ ସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟ ତରଫରୁ ସେତେବେଳେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାସ୍ ସେତିକିରେ ସୀମିତ ରହିଗଲା। ହେଲେ ସ୍ଥାନୀୟ ପ୍ରଶାସନ କି ଜିଲ୍ଲା ପ୍ରଶାସନ ଏ ଯାଏଁ କୌଣସି ସମ୍ବର୍ଦ୍ଧନା ଦେଇନଥିବାକୁ ନେଇ ବୁଦ୍ଧିଜୀବୀ ଓ ସ୍ଥାନୀୟ ଅଞ୍ଚଳରେ ନିନ୍ଦା କରାଯାଇଛି। ଏହାସହ ଚଳିତ ମାସ ତେଲେଙ୍ଗାନାରେ ଗଜପତି ପକ୍ଷରୁ ଏହି ଖେଳାଳି ୫୮ ତମ ବରିଷ୍ଠ ଜାତୀୟ ଖୋଖୋ ଖେଳ ଖେଳି ମଧ୍ୟ ସୁନାମ ଅର୍ଜନ କରିଛନ୍ତି।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ୍‌ର 'ନିଶା ମୁକ୍ତ ଅଭିଯାନ'




ପାରଳାଖେମୁଣ୍ଡି,୨୧।୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଅଫ୍ ଟେକ୍ନୋଲୋଜି ଏବଂ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଗୋଷାଣି ବ୍ଲକର ଖରସଣ୍ଡା, ବାର୍ଲଣ୍ଡା ଆଦି ଗ୍ରାମରେ ନିଶା ମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡା. ରାଜଶ୍ରୀ ଜେନାଙ୍କ ସମନ୍ୱୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ଏନ୍‌ଏସ୍‌ଏସ୍ ଛାତ୍ର ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ ଅଭିଯାନରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ଦୀପକ କୁମାର ପ୍ରଧାନ ମୁଖ୍ୟଅତିଥି, ଡ୍ରଗ୍ସ ଇନ୍ସପେକ୍ଟର ସୁପ୍ରିୟା ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସଂପ୍ରସାରଣ ଅଧିକାରୀ ମମତା ପାଢ଼ୀ ଯୋଗ ଦେଇଥିଲେ। ଅତିଥିମାନେ ନିଶା ପରିତ୍ୟାଗ କରିବାକୁ ଆହ୍ୱାନ ଦେଇଥିଲେ। ନିଶାମୁକ୍ତ ସମାଜ ଗଠନ ପାଇଁ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ପଥପ୍ରାନ୍ତ ସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା।

## ବେଟିକଲାରେ ଆଦିବାସୀ କନ୍ଧଙ୍କ କ୍ଲାମ୍ବୁର ପ୍ରସ୍ତୁତି ବୈଠକ

ଜି.ଉଦୟଗିରି, ୨୧।୧ (ସମିସ): ଜି.ଉଦୟଗିରି ନିକଟସ୍ଥ ଲିଙ୍ଗାଗଡ଼



ପଞ୍ଚାୟତର ବେଟିକଲାରେ ଆଦିବାସୀ କନ୍ଧଙ୍କ କ୍ଲାମ୍ବୁର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଉଦେଶନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କ୍ଲାମ୍ବୁର ରାଜ୍ୟ ପ୍ରଭାରୀ ପବିତ୍ର କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇ କନ୍ଧଜାତିର ସମସ୍ତେ ନିଜ ନିଜ ଗୋତ୍ର ସମ୍ପର୍କରେ ସଚେତନ ହୋଇ କନ୍ଧଙ୍କ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କନ୍ଧ ମାନେ ନିଜ ଜାତିର ସ୍ୱାଭିମାନ ରକ୍ଷା କରି ସଂଗଠିତ ଭାବେ କନ୍ଧଙ୍କ କୁଇ ଭାଷାକୁ ଗୁରତ୍ୱ ଦେବାକୁ ସଭାପତି ଉଦେଶନ ପ୍ରଧାନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ପ୍ରଧାନ, ବିବେକାନନ୍ଦ ପ୍ରଧାନ, ରିପୁ ଚନ୍ଦ୍ର ମଲ୍ଲିକ ଓ କାମଦେବ ପ୍ରଧାନ ଯୋଗ ଦେଇଥିଲେ।

## ଏଏମ୍‌ସିଏସ୍ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଟିକାବାଲି,୨୧।୧(ସମିସ): ଟିକାବାଲି ସ୍ଥିତ ଏଏମସିଏସ ମହାବିଦ୍ୟାଳୟରେ ଅନୁଷ୍ଠିତ ୩୮ ତମ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଛି। ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ପ୍ରଥମ ଦିବସର ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ରାମବିଶ ଦିଗାଲ, ମୁଖ୍ୟବକ୍ତା ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଏବଂ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧ ଜିତେନ୍ଦ୍ର ଡାକୁଆ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଟିକାବାଲି ବିଡ଼ିଓ ବିଷ୍ଣୁ ଗୋବିନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବନମାଳୀ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ ଓ ବିରୂପାକ୍ଷ ତ୍ରିପାଠୀ ଯୋଗ ଦେଇଥିଲେ। କ୍ରୀଡ଼ା ମହୋତ୍ସବରେ ୪୨ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ଧ୍ୟାନଚାନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ଅନ୍ୟ ସ୍କୁଲରୁ ଆସିଥିବା ଖେଳ ଶିକ୍ଷକ ପରିଚାଳନା କରିଥିଲେ। ଚଳିତ ବର୍ଷର କ୍ରୀଡ଼ା ପ୍ରତିଯୋଗିତାରେ ସିନିଅର ବିଭାଗର ମଧୁସ୍ମିତା ନାୟକ, ସୌମ୍ୟା ସାଗରିକା ନାୟକ ଏବଂ ଚିତ୍ତରଞ୍ଜନ ପ୍ରଧାନ, ଜୁନିଅର ବିଭାଗର ବର୍ଷା ପ୍ରଧାନ ଓ ଲଳିତ କହଁର ଏହି ୫ ଜଣ ପ୍ରତିଯୋଗୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ନରେନ୍ଦ୍ର ଦିଗାଲ ଅତିଥି ପରିଚୟ ଓ ଉପସଭାପତି ଅଧ୍ୟାପକ ଶଙ୍କର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ବିଜେଡି ନେତା ବସନ୍ତଙ୍କ ବିୟୋଗରେ ଶୋକ



ପାରଳାଖେମୁଣ୍ଡି,୨୧।୧(ସମିସ): ଗଜପତି ଜିଲ୍ଲାର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବସନ୍ତ ଦାସ(୭୪)ଙ୍କ ଗତକାଲି ଭୁବନେଶ୍ୱରର ଏକ ହସ୍ପିଟାଲରେ ପରଲୋକ ଘଟିଛି। ସେ ଏବଂ ତାଙ୍କ ପରିବାର ଲୋକେ ଗତକାଲି ଭୁବନେଶ୍ୱର ଯାଇଥିବାବେଳେ ସେଠାରେ ସେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ନିଧନ ଖବର ଜିଲ୍ଲାରେ ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବିଶେଷ କରି ଜିଲ୍ଲା ବିଜେଡି ମହଲରେ ଶୋକ ପ୍ରକାଶ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲାର ସମସ୍ତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ବ୍ଲକ ବିଜେଡି ସଭାପତିଙ୍କ ସମେତ ବିଜେଡି ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ମରଶରୀରକୁ ପାରଳାଖେମୁଣ୍ଡି ସ୍ଥିତ ନିଜ ବାସଭବନକୁ ଅଣାଯାଇଥିଲା। ଆଜି ସକାଳେ ମହେନ୍ଦ୍ରତନୟା ନଦୀ ଶ୍ମଶାନ ଘାଟରେ ତାଙ୍କର ଅନ୍ତେଷ୍ଟି କରାଯାଇଛି।

## କତିଙ୍ଗିଆରେ ପଞ୍ଚାୟତସ୍ତରୀୟ ହିନ୍ଦୁ ସମ୍ମିଳନୀ

ଜି.ଉଦୟଗିରି,୨୧।୧(ସମିସ): ଜି.ଉଦୟଗିରି ନିକଟସ୍ଥ କତିଙ୍ଗିଆରେ ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ପଞ୍ଚାୟତସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ମଞ୍ଚ ସଭାପତି କାମରାଜ କହଁରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ବନବାସୀ ସନ୍ଥ ସୁଦୟା ବାବା ମୁଖ୍ୟଅତିଥି, ବନବାସୀ କଲ୍ୟାଣ ଆଶ୍ରମର ପ୍ରାନ୍ତ ଶ୍ରଦ୍ଧା ଜାଗରଣ ପ୍ରମୁଖ ବିଦ୍ୟାଧର ମହନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା, ପରିବେଶ ସଂରକ୍ଷଣ, ପରିବାର ପ୍ରବୋଧନ, ସ୍ୱ ଆଧାରିତ ଜୀବନ, ନାଗରିକ କର୍ତ୍ତବ୍ୟବୋଧକୁ ଦୃଦୟଙ୍ଗମ କରିବା ଆବଶ୍ୟକ ବୋଲି କୁହାଯାଇଥିଲା।

## ମୋହନା ପ୍ରେସ୍ କ୍ଲବର ବନ୍ଧୁ ମିଳନ

ମୋହନା,୨୧।୧(ସମିସ): ମୋହନା ପ୍ରେସ୍ କ୍ଲବର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୟପୁର ଫୋରେଷ୍ଟ ନର୍ସରୀରେ ପ୍ରେସ କ୍ଲବ ସଭାପତି ସୁମନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଧୁମିଳନରେ ମୋହନା ଥାନା ଅଧିକାରୀ ବସନ୍ତ ସେଠୀ, ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା, ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ଯୋଗ ଦେଇ ସାମ୍ବାଦିକ ମାନେ ବନ୍ଧୁତ୍ୱଭାବ ରଖି ଏକତା ସୂତ୍ରରେ ବାନ୍ଧି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରେସ କ୍ଲବର ଆଇନ ପରାମର୍ଶଦାତା ଭାବେ ବରିଷ୍ଠ ଆଇନଜୀବୀ ସୀମାଞ୍ଚଳ କାର୍ଜିଙ୍କୁ ମନୋନୀତ କରାଯାଇଥିଲା। ପ୍ରେସ କ୍ଲବ ସମ୍ପାଦକ ବାବୁଲା ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ଅଂଶୁମାନ ପଣ୍ଡା, ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଲକ୍ଷ୍ମଣ ଚୌଧୁରୀ, ପଞ୍ଚାନନ ଦାସ, ବାଦଲ ବେହେରା, ୟୁ. ରାଜେନ୍ଦ୍ର ଦୋରା, ସହସମ୍ପାଦକ ନୃସିଂହ ନାଥ ପୂଜାରୀ, କୋଷାଧ୍ୟକ୍ଷ ପ୍ରମୋଦ ଦୋରା, ସଦସ୍ୟ ସୁକାନ୍ତ ରଥ, ଧୀରେନ୍ଦ୍ର ନାୟକ, ମୋଜେସ ରଇତ, ବିମଳ ମଲ୍ଲିକ, ବିଭୁତି ମଲ୍ଲିକ, ନିର୍ମଳ ପାଲ, ଜଗା ଦାସ, ଚନ୍ଦନ ପଟ୍ଟନାୟକ, ମୋହନ ଗୌଡ଼ ଓ ଟିଟି ମଲ୍ଲିକ ଉପସ୍ଥିତ ଥିଲେ। ଆଗାମୀ ଫେବୃଆରୀ ୨୨ରେ ପ୍ରେସ କ୍ଲବ ବାର୍ଷିକ ଉତ୍ସବ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

### ଗଜପତି ଉତ୍ସବର ତୃତୀୟ ସନ୍ଧ୍ୟା

## ସାଂସ୍କୃତିକ କାର୍ଯ୍ୟକ୍ରମରୁ ମୁହଁ ମୋଡ଼ିଲେ ଦର୍ଶକ

ପାରଳାଖେମୁଣ୍ଡି,୨୧।୧(ସମିସ): ଗଜପତି ଉତ୍ସବରେ ଚଳିତ ବର୍ଷ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। ଜନସାଧାରଣ ଏହି ଉତ୍ସବକୁ ମାତ୍ର କିଛି ସ୍ୱାର୍ଥପର ବ୍ୟକ୍ତିଙ୍କ ବ୍ୟାପାର ଓ କିଛି ଅନୁଷ୍ଠାନର ପ୍ରଚାର ପ୍ରସାରର ମାଧ୍ୟମ ହୋଇଥିବା ଅଭିଯୋଗ କରିଛନ୍ତି। ଉତ୍ସବର ତୃତୀୟ ଦିନରେ ଦର୍ଶକ ନାରାଜ ହୋଇଥିଲେ। ମୁଖ୍ୟଅତିଥି ଭାବେ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ଅନୁପସ୍ଥିତିର ଭରପୁର ଫାଇଦା ଉଠାଇଲେ ବିରୋଧୀ। ଗଜପତି ଜିଲ୍ଲାକୁ ରାଜ୍ୟ ସରକାର ବାରମ୍ବାର ଉପେକ୍ଷା କରୁଛନ୍ତି। ଯେଉଁ ଜିଲ୍ଲାରୁ ଓଡ଼ିଶା ଗଠନର ମୂଳଦୁଆ ପଡ଼ିଥିଲା ସେହି ଜିଲ୍ଲାକୁ ନିମନ୍ତ୍ରଣ ରକ୍ଷା ନ କରି ଦୁଇ ଦୁଇ ମନ୍ତ୍ରୀ ଯୋଗ ଦେଇନାହାନ୍ତି। ଏଥିନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲାରେ ଅନେକ ସମସ୍ୟା ରହିଥିଲେ ବି ସରକାର ଏହାକୁ କର୍ଣ୍ଣପାତ କରୁନଥିବା ସହ ଉନ୍ନୟନ କାର୍ଯ୍ୟ ହୋଇପାରୁନଥିବା ବିଜେଡି ନେତା ତଥା ଗୋଷାଣି ଜିଲ୍ଲା ପରିଷଦ ସଭ୍ୟ ଏସ. ବାଲାରାଜୁ କହିଥିଲେ। ମୁଖ୍ୟଅତିଥି ମୋହନା ବିଧାୟକ ଦାସରଥୀ ଗମାଙ୍ଗ ମଧ୍ୟ



ସରକାରଙ୍କୁ ସମାଲୋଚନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜନସାଧାରଣ ଉପଭୋଗ କରିବା ବଦଳରେ ପ୍ରତ୍ୟାଖାନ କରିଥିଲେ। ଦର୍ଶକ ଧିରେ ଧିରେ କମିବାରେ ଲାଗିଥିଲେ। ସାମ୍ନାରେ ପଡିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ଚୌକି ସହ ଜନସାଧାରଣଙ୍କ ଚୌକି ଖାଲି ହୋଇଯାଇଥିଲା। ବାରମ୍ବାର ଏକା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବାରୁ ଲୋକେ ନାରାଜ ଓ ବିରକ୍ତ ହୋଇଥିଲେ। ଗଜପତି ଉତ୍ସବର ଆୟୋଜନ ଉପରେ ଆକ୍ଷେପ କରିଥିଲେ। ବିରକ୍ତ ଭାବ ପ୍ରକାଶ କରି ଦର୍ଶକ ଆସନ ଛାଡି ଚାଲିଯାଇଥିଲେ। ଏହାକୁ ହୃଦୟଙ୍ଗମ କରି ଜିଲ୍ଲା ସଂସ୍କୃତି ଅଧିକାରୀ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ

### ମଞ୍ଚ ସମ୍ଭାଳି ସମ୍ମାନ ବଞ୍ଚାଇଲେ ଏସ୍‌ପି

ଗୀତ ଗାଇବାକୁ ଅନୁରୋଧ କରିଥିଲେ। ଏସ୍‌ପି ଜଣେ କଳାକାର ଓ ସଙ୍ଗୀତ ପ୍ରେମୀ ସହ ଭଲ ଗାୟକ। ଗତବର୍ଷ ଗଜପତି ଉତ୍ସବରେ ତାଙ୍କ କଳା ସାମ୍ନାକୁ ଆସିଥିଲା। ଅଧିକାରୀଣୀଙ୍କ ଅନୁରୋଧ ରକ୍ଷା କରି ଚାରୋଟି ଗୀତ ଗାଇଥିଲେ ଏସ୍‌ପି। ଆରକ୍ଷୀ ଅଧୀକ୍ଷକଙ୍କ ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ଖୁବ୍ ପ୍ରଶଂସା ମଧ୍ୟ କରାଯାଇଥିଲା। ତାଙ୍କ ସୁମଧୁର କଣ୍ଠରେ ପୁଣି ଗୀତ ଗାଇବାକୁ ଅନୁରୋଧ କରାଯାଇଥିଲା ଏବଂ କରତାଳି ମାଧ୍ୟମରେ ଦର୍ଶକ ଉତ୍ସାହିତ ହୋଇଥିଲେ। ଏସ୍‌ପିଙ୍କ ସୁମଧୁର ସଙ୍ଗୀତ ଗାନ ଶେଷ ହେବାର କିଛି ସମୟ ପରେ ପୁଣି ଖାଲି ହୋଇଯାଇଥିଲା ଚୌକି।

ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଗୋଷାଣି ଜିଲ୍ଲାପରିଷଦ ସଭ୍ୟ ଏସ. ବାଲାରାଜୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲାର ୫ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହରିକୃଷ୍ଣ ବିଶ୍ୱାଳ, ଜ୍ୟୋତର୍ବିଦ୍ ସୁଦର୍ଶନ ତ୍ରିପାଠୀ, ପାର୍ମାସିଷ୍ଟ ବିଦ୍ୟାଧର ସାହୁ, ଅଙ୍ଗଦାନ କରିଥିବା ସ୍ୱର୍ଗତ ନରସିଂହ ମହାରଣାଙ୍କ ପରିବାର ସଦସ୍ୟଙ୍କୁ ଓ ଦେବଦାସୀ ସିଜେନ୍-୪ର ନର୍ତ୍ତକୀ ଚଞ୍ଚଳା ସାଇସ୍ମାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଜପତି ସ୍ମରଣିକା ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

## ଓଏଭିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ବେଲଗୁଣ୍ଠା,୨୧।୧(ସମିସ):** ବେଲ୍ଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ପ୍ରତାପ ଲକ୍ଷ୍ମଣପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭଞ୍ଜନଗର ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପରିଚାଳକ ମୋହିତ ରଞ୍ଜନ ପାତ୍ର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ପାଇଲିପଡା ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ସତ୍ୟବାନ ପୋଢ଼, ସମ୍ମାନିତ ଅତିଥି ଭାବେ କ୍ଷତ୍ରିୟବରପୁର କ୍ଲଷ୍ଟର ସିଆରସିସି ଛାୟାକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସନାତନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସୀତାକାନ୍ତ ତ୍ରିପାଠୀ ଯୋଗଦେଇଥିଲେ। ଭାରପ୍ରାପ୍ତ କ୍ରୀଡ଼ା ସଂଯୋଜକ ସନ୍ତୋଷ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା।

## ଜନତା ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ



**କୋଦଳା,୨୧।୧(ସମିସ):** ବେଗୁନିଆପଡ଼ା ସ୍ଥିତ ଜନତା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୀନକେତନ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବେଗୁନିଆପଡ଼ା ବିଡିଓ ଦିବ୍ୟରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ଖଣ୍ଡିଆନଇ ସରପଞ୍ଚ ପଙ୍କଜ ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ଭୀମରାଜୁ ପାତ୍ର, ସମାଜସେବୀ ରମେଶ ଚନ୍ଦ୍ର ପଲେଇ, କେ ବରିଡା ସମାଜସେବୀ ଭଗବାନ ପ୍ରଧାନ, କୃଷ୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ପଙ୍କଜ କୁମାର ବେହେରା ମଞ୍ଚ ପରିଚାଳନା ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବୁଗୁଡ଼ା,୨୧।୧(ସମିସ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବେଠିଆବୋରଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୁଗୁଡ଼ା ପିପୁଲ୍ସ କଲେଜ ଅଧ୍ୟକ୍ଷ ଡ଼ଃ ପୁରୁଷୋତ୍ତମ ମିଶ୍ର, ମୁଖ୍ୟବକ୍ତା ଭାବେ ଗୌରୀ ଶଙ୍କର ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି ସୁଲୋଚନା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କାମରାଜୁ ସାହାଣୀ, ଏବିଇଓ କୃଷ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ଅକ୍ଷୟ ସାହୁ, ରବୀନ୍ଦ୍ର ବେହେରା, ମାନସ ରଞ୍ଜନ ସେଠି, ରଘୁନାଥ ସେଠି, ସିନୁ ପାତ୍ର, ସତ୍ୟ ସେଠି, ସତ୍ୟ ନାରାୟଣ ରାଓ, ପ୍ରଶାନ୍ତ ରଥ, ନିରଞ୍ଜନ ଗୌଡ଼, ସନ୍ତୋଷ ସ୍ୱାଇଁ ଆଦି ବିଭିନ୍ନ ସ୍କୁଲର ଶିକ୍ଷକ ତଥା ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ



**ପୁରୁଷୋତ୍ତମପୁର,୨୧।୧(ସମିସ):** ପୁରୁଷୋତ୍ତମପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ ହୋଇଯାଇଛି। ସଭାପତି ଜଟେଶ୍ୱର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଭାବେ ପ୍ରଫୁଲ୍ଲ କୁମାର ରଥ, ଉପ ସଭାପତି ଏ. ରାଜୁଗୋପାଳ ରାଓ, ସମ୍ପାଦକ ହରିହର ପଣ୍ଡା, ସହ ସମ୍ପାଦକ ମୋଚିରାମ ଦାସ, କୋଷାଧ୍ୟକ୍ଷ ଭାବେ ମନମୋହନ ତ୍ରିପାଠୀ, ଉପଦେଷ୍ଟା ଭାବେ ବିନାୟକ ନାୟକ, ଭଗବାନ ପାଢ଼ୀ ନିର୍ବାଚିତ କରିଥିଲେ। ନୂତନ କର୍ମକର୍ତ୍ତାଙ୍କୁ ପୂର୍ବତନ ସଭାପତି ଶପଥ ପାଠ କରାଇଥିଲେ। ନୂତନ କର୍ମକର୍ତ୍ତା ମାନେ ଆଗାମୀ ତିନି ବର୍ଷ ସମସ୍ତ ସଦସ୍ୟ ମାନଙ୍କୁ ନେଇ କାର୍ଯ୍ୟ କରିବେ।

### ରାଜ୍ୟ ନିର୍ବାଚନ କମିଶନରଙ୍କ ପରାମର୍ଶ

# 'ନିର୍ବାଚନ ଓ ଭୋଟର ତାଲିକାକୁ ସ୍ୱଚ୍ଛ, ନିରପେକ୍ଷ କର'

ଛତ୍ରପୁର,୨୧।୧(ସମିସ)




୨୦୨୭ରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବ। ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମେ ପଞ୍ଚାୟତ ନିର୍ବାଚନ ଏହାର ଏକମାସ ପରେ ପୌର ନିର୍ବାଚନ ହେବ। ଏନେଇ ମଙ୍ଗଳବାର ଛତ୍ରପୁର ସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ରାଜ୍ୟ ନିର୍ବାଚନ କମିସନର ମଧୁସୂଦନ ପାଢ଼ୀ ଯୋଗଦେଇ କିପରି ପ୍ରସ୍ତୁତି ହୋଇଛି ସମୀକ୍ଷା କରିଥିଲେ। ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଧିନ ୮ଟି ଜିଲ୍ଲା ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଓ ରାୟଗଡା ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ନିର୍ବାଚନ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ତଥା ପୌର ନିର୍ବାଚନ ଏବଂ ଭୋଟର ତାଲିକା ସଂଶୋଧନକୁ ସ୍ୱଚ୍ଛ, ନିରପେକ୍ଷ ଓ ସଫଳତାର ସହ ସମ୍ପାଦନ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ପରାମର୍ଶ ଦେଇଥିଲେ। ଭୋଟର ତାଲିକା ବାହାରିଲା ପରେ ନିର୍ବାଚନର ତିନିମାସ ପୂର୍ବରୁ ଆଉଥରେ ଭୋଟର ତାଲିକା ପ୍ରକାଶ ପାଇବ। ତାଲିକାର ଯେଉଁମାନଙ୍କର ନା ନାହିଁ କିମ୍ବା ଭୁଲରେ ରହିଛି ସେମାନଙ୍କ ଠାରୁ ଅଭିଯୋଗ ଗ୍ରହଣ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ। ଅତିସମ୍ବେଦନଶୀଳ ବୁଥ୍‌ରେ ସିସିଟିଭି କ୍ୟାମେରା ଲାଗିବ। ହାତରେ ଆଉ ଏକ ବର୍ଷ ରହିଛି, ନିର୍ବାଚନକୁ ସୁରୁଖୁରରେ ସମ୍ପାଦାନ କରିବାକୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ମାନଙ୍କ କ'ଣ ସବୁ ଦାୟିତ୍ୱ ରହିଛି, ବାଲାଟ ପେପର, ବକ୍ସ, ବୁଥ ଚୟନ ଆଦି ସମ୍ପର୍କରେ ସମୀକ୍ଷା ହୋଇଥିଲା। ୨୦୨୨ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କିତ ବକେୟା ଥିବା ଡିସି ବିଲ/ୟୁସି ଦାଖଲ କରିବାକୁ କୁହାଯାଇଛି।

ଏହି ସମ୍ମିଳନୀରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ସନ୍ତୋଷ କୁମାର ଦାସ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, କଳାହାଣ୍ଡି ଜିଲ୍ଲାପାଳ ସଚିନ ପାଓ୍ୱାର, ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ, ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀମାନେ ଯୋଗଦେଇଥିଲେ।

## ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ୍‌ର ପ୍ରତିଷ୍ଠା ଉତ୍ସବ




**ଛତ୍ରପୁର,୨୧।୧(ସମିସ):** ଛତ୍ରପୁର ଷ୍ଟେଟବ୍ୟାଙ୍କ ନିକଟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମର ୭ତମ ପ୍ରତିଷ୍ଠା ଉତ୍ସବ ଇଂ. ରାମଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଛତ୍ରପୁର ମୁଖ୍ୟ ଶାଖାର ଚିଫ୍ ମ୍ୟାନେଜର ପ୍ରଦୀପ୍ତ କୁମାର ଓଝା ଯୋଗଦେଇ ଛତ୍ରପୁର ଏନଏସି ଅନ୍ତର୍ଗତ ବିଭିନ୍ନ ସ୍କୁଲର ୬ ଜଣ ମାଟ୍ରିକ ଟପ୍ପରଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଦ୍ୟାର୍ଥୀ ଯଥା -ଡି ନ୍ୟୁ ଏଜ ୟୁରୋ ସ୍କୁଲର ଛାତ୍ରୀ ବସୁନ୍ଧରା ପାଣିଗ୍ରାହୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ସୁରଜ କୁମାର ଗୌଡ଼, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ପାଢ଼ୀ, ପିଏମଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରତିଭା ନନ୍ଦ, ପବ୍ଲିକ ସ୍କୁଲର ଛାତ୍ର ଦିପ୍ତେଶ ପ୍ରଧାନ ଓ କାର୍ମେଲ ସିନିୟର ସେକେଣ୍ଡାରୀ ସ୍କୁଲର ଛାତ୍ର ଡି. ବାଲକ୍ରିଷ୍ଣା ରେଡ୍ଡୀଙ୍କୁ ସମ୍ମାନିତ କରାଯାଇଛି। ଏହା ସହିତ ପରିବେଶବିତ ରବୀନ୍ଦ୍ର ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ଆଇନଜୀବୀ ବି.ଶ୍ରୀନିବାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

### ଜଗନ୍ନାଥ ଡ୍ରାମା କ୍ରିଏସନର ପ୍ରଥମ ବାର୍ଷିକ ଉତ୍ସବ

## ମନ ମୋହିଲା ଶିଶୁ ନାଟକ 'ସଂସ୍କାର'

**ଛତ୍ରପୁର,୨୧।୧(ସମିସ):** ଛତ୍ରପୁରର ଅଗ୍ରଣୀ ଡ୍ରାମା ଅନୁଷ୍ଠାନ ଜଗନ୍ନାଥ ଡ୍ରାମା କ୍ରିଏସନର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକସ୍ତରୀୟ ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ଅଭିନୟ ଏବଂ ଗୃହିଣୀ ମାନଙ୍କ ପାଇଁ ଶଙ୍ଖ ଫୁଙ୍କା, ହୁଳହୁଳିରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ରିକାପଲ୍ଲୀ ସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠାନର ମୁଖ୍ୟ ସୁମନ ପଟ୍ଟନାୟକ ଓ ଝରଣା ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଜି. ପାପା ରାଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ସମାରୋହରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅରୁଣ କୁମାର ଶତପଥି, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ବିଶ୍ୱଜିତ ସାହୁ, ବରିଷ୍ଠ ସଂଗୀତ ଗୁରୁ ଗଣେଶ ପଟ୍ଟନାୟକ ଓ ଅଭିନେତା ଶ୍ରୀନିବାସ ପଢ଼ିଆରୀ ଯୋଗ ଦେଇ ଅନୁଷ୍ଠାନର କୁନି କୁନି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନ ପକ୍ଷରୁ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କୁ ସ୍ୱର୍ଗତ ସୂର୍ଯ୍ୟନାରାୟଣ ପଟ୍ଟନାୟକ ସ୍ମୃତି ସମ୍ମାନ, ଶ୍ରମିକ ନେତା ତଥା ସମାଜସେବୀ ପ୍ରଫୁଲ ପଟ୍ଟନାୟକଙ୍କୁ ସ୍ୱର୍ଗତ ଜୋସ୍ନାରାଣୀ ପଟ୍ଟନାୟକ ସ୍ମୃତି ସମ୍ମାନ, ସଂଗୀତଜ୍ଞ ପ୍ରଫୁଲ ମହାପାତ୍ରଙ୍କୁ ସ୍ୱର୍ଗତ ରାମଚନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନ ଓ କଳାପ୍ରେମୀ ତଥା ସଂଗୀତଜ୍ଞ ମରଣୋତ୍ତର ମାନପତ୍ର ସ୍ୱର୍ଗତ ଜୟକୃଷ୍ଣ ମହାରଣାଙ୍କ ଧର୍ମପତ୍ନୀ ରୁକ୍ମିଣୀ ମହାରଣାଙ୍କୁ ବିଜୟା କୁମାରୀ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ନୃତ୍ୟ ଗୁରୁ ଗୌତମ ନାୟକ ଓ ତାନିୟା ରେ‡ୀଙ୍କ ନୃତ୍ୟ ନିର୍ଦ୍ଦେଶନାରେ ସମ୍ବଲପୁରୀ, ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସୁମନ ପଟ୍ଟନାୟକଙ୍କ ନିର୍ଦ୍ଦେଶନା ଓ ରଚନାରେ କୁନି କୁନି ଶିଶୁ ମାନଙ୍କ ଦ୍ୱାରା ସାମାଜିକ ନାଟକ "ସଂସ୍କାର' ଦର୍ଶକଙ୍କ ମନ ମୋହିଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିନେଶ ସାହୁ, ସମ୍ପାଦକ ଦୁର୍ଗା ପ୍ରସାଦ ମାର୍ଥା, ଉପଦେଷ୍ଟା ପ୍ରଶାନ୍ତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଆଞ୍ଚଳିକ କଲେଜରେ ସ୍ୱଚ୍ଛ ଭାରତ ଅଭିଯାନ

**ବେଲଗୁଣ୍ଠା,୨୧।୧(ସମିସ):** ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରୀୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ଗିରିଧର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାସାୟନିକ ବିଜ୍ଞାନ ଅଧ୍ୟାପକ ଡ. ଇ.ଆର.ରବିନାରାୟଣ ପାତ୍ର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଜାତୀୟ ସେବା ଯୋଜନାର ଅଧିକାରୀ ସୀମାଞ୍ଚଳ ମହାନ୍ତି ମହାବିଦ୍ୟାଳୟର ପରିସରରେ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ଜି.ଉଦୟଗିରି ପ୍ରେସ୍‌କ୍ଲବର ସାଧାରଣ ବୈଠକ



**ଜି.ଉଦୟଗିରି,୨୧।୧(ସମିସ):** ଜି.ଉଦୟଗିରି ପ୍ରେସ୍ କ୍ଲବର ସାଧାରଣ ବୈଠକ ଶ୍ରୀରାମପଦା ନିକଟସ୍ଥ ଆଦିବାସୀ କଳା ସାଂସ୍କୃତି ଭବନ ନିକଟରେ ଅନୁଷ୍ଠିତ ହୋଇଥିଲା। ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାଧାରଣତନ୍ତ୍ର ଦିବସ ଓ ପ୍ରେସ୍ କ୍ଲବ ସ୍ଥାୟୀ ସଭାଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପାଦକ ଅନିଲ କୁମାର ଦଳବେହେରା, ଉପସଭାପତି ପ୍ରସନ୍ନ କୁମାର ମିଶ୍ରଙ୍କ ସହିତ ସାମ୍ବାଦିକ ପତିତପାବନ ସାହୁ, ଦେବନାଥ ଦଳବେହେରା, ଅରୁଣ କୁମାର ଷଡ଼ଙ୍ଗୀ, ବଟକୃଷ୍ଣ ଦାଶ, ସମୀର କୁମାର ପାଢ଼ୀ, ପ୍ରତାପ କୁମାର ପାଢ଼ୀ, ଦୁର୍ଗାମାଧବ ପଟ୍ଟନାୟକ, ଏନ୍. ରାଜାରାଓ, ଆଶୁତୋଷ ସାହୁ, ଚନ୍ଦ୍ର ଶେଖର ପାଢ଼ୀ, ସାମନ୍ତ ଶେଖର ନାୟକ, ସଞ୍ଜୟ କୁମାର ମହାନ୍ତି, ସୁରେଶ ବଗର୍ତ୍ତି ଓ ଅବନୀ ପ୍ରଧାନ ଯୋଗ ଦେଇଥିଲେ।

## ବନ ବିଶ୍ରାମ ଗୃହର ଶୁଭ ଉଦ୍‌ଘାଟନ




**ବ୍ରହ୍ମପୁର,୨୧।୧(ସମିସ):** ବନ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ବନ ବିଶ୍ରାମ ଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ସମ୍ମାନିତ ଅତିଥି ଭାବେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ବ୍ରହ୍ମପୁର ମଣ୍ଡଳ ଆରସିସିଏଫ୍ ବିଶ୍ୱନାଥ ଏନ୍. ଯୋଗ ଦେଇଥିଲେ। ସେହିପରି ମଙ୍ଗଳବାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ପନ୍ଥ ସକାଳେ ଋଷିକୁଲ୍ୟା ମୁହାଣକୁ ଯାଇ ସମୁଦ୍ର ଜଳରାଶି ଭିତରେ ବିରଳ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ମିଳନ ପ୍ରକ୍ରିୟା ଦେଖିଥିଲେ। ଗଣ ଅଣ୍ଡାଦାନ ପ୍ରକ୍ରିୟାର ପ୍ରାକ୍ ପ୍ରସ୍ତୁତି ନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ବ୍ରହ୍ମପୁର ଡିଏଫ୍‌ଓ ସନ୍ନି ଖୋଖର, ପାରଳାଖେମୁଣ୍ଡି ଡିଏଫ୍‌ଓ କେ. ନାଗରାଜୁ, ଉତ୍ତର ଘୁମୁସର ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ଫୁଲବାଣୀ ଡିଏଫ୍‌ଓ ପ୍ରତାପ କଟାପଲ୍ଲୀ, ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କାମ୍ପଙ୍କ ସମେତ ସମସ୍ତ ଏସିଏଫ୍ ଓ ବନ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆଗଡ,୨୧।୧(ସମିସ):** ନୂଆଗଡ଼ ବ୍ଲକ ଦୋଘରିଆ ପିଏମ୍‌ଶ୍ରୀ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ ରାଇକା, ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ବ୍ଲକ ସମ୍ପ୍ରସାରଣ ଅଧିକାରୀ ନୃସିଂହ ଚରଣ ମିଶ୍ର, ସମ୍ମାନିତ ଅତିଥି ଭାବେ ବଡ଼ପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ଗମାଙ୍ଗ, ମୁଖ୍ୟବକ୍ତା ବିଧାୟକ ପ୍ରତିନିଧି ପୁରୁଷୋତ୍ତମ ପାଣିଗ୍ରାହୀ, ଅତିଥି ଭାବେ ଫରେଷ୍ଟର ବିଜୟ ମହାରଣା, ବିଦ୍ୟାଳୟ ସଭାପତି ସୁବାସ ପାଇକ, ବୈଶାଖୀ ମଣ୍ଡଳ, ହିନ୍ଦୀ ଶିକ୍ଷକ ବାବୁଲି ସେଠୀ, ଶିକ୍ଷକ ସନ୍ତୋଷ କୁମାର ଶବର, ମହୀପାଲ ଭୂୟାଁ ଓ ପ୍ରଧାନ ଶିକ୍ଷକ ମାର୍କଣ୍ଡ ଶବର ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଉତ୍ସବ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ସଫଳ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ସିଲ୍ ଦେଇ ପୁରସ୍କୃତ କରିଥିଲେ ଅତିଥି। ଶେଷରେ ସଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ। ମହୀପାଲ ଭୂୟାଁ ଓ ଅର୍ଚ୍ଚନା ରାଇକା ପରିଚାଳନା କରିଥିଲେ।

## ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା

**ପାରଳାଖେମୁଣ୍ଡି,୨୧।୧(ସମିସ):** ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଦୁଇଦିନିଆ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାଂସ୍କୃତିକ କୋଷର ଦାୟିତ୍ୱରେ ଥିବା ଅଧିକାରୀ ରାମହରି କାର୍ଜି ଓ ଡ. ବିପ୍ଳବ ପ୍ରଧାନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଫେସର ପୁଲକ ଚନ୍ଦ୍ର ଫିଲିପ୍ ତୁଲାଇଥିଲେ। ଛାତ୍ରଛାତ୍ରୀ ପାରମ୍ପରିକ, ଆଧୁନିକ ଓ କ୍ଲାସିକାଲ ଶୈଳୀର ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ।

# ରାଜନୈତିକ ଛକାପଞ୍ଝାରେ ଏନ୍‌ଏସିର ଉନ୍ନୟନ କାର୍ଯ୍ୟ ଠପ୍

### ୭୩ଟି କାର୍ଯ୍ୟର ଟେଣ୍ଡର ଖୋଲାଯାଇ ପାରୁନି

ଖଲ୍ଲିକୋଟ,୨୧।୧(ସମିସ)



ରାଜନୈତିକ ଛକାପଞ୍ଝା ଭିତରେ ଖଲ୍ଲିକୋଟ ଏନ୍‌ଏସିର ଉନ୍ନୟନମୂଳକ କାର୍ଯ୍ୟ ପୁରା ଠପ୍ ହୋଇଯାଇଛି। ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଯୋଗୁ ଏନ୍‌ଏସିରେ ପ୍ରାୟ ଅଢ଼େଇ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୭୩ଟି ଉନ୍ନୟନ ମୂଳକ କାର୍ଯ୍ୟର ଟେଣ୍ଡର ମାସେ ହେଲା ଖୋଲାଯାଇପାରୁନି। ଏହାକୁ ନେଇ ପ୍ରତି ୱାର୍ଡରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୋଟିଏ ଗୋଷ୍ଠୀ ଟେଣ୍ଡର ପ୍ରକ୍ରିୟାକୁ ବିରୋଧ କରୁଥିବା ବେଳେ ଟେଣ୍ଡର ପକେଇଥିବା ଗୋଷ୍ଠୀ ଶୀଘ୍ର ଟେଣ୍ଡର ଖୋଲି କାର୍ଯ୍ୟାଦେଶ ଦେବାକୁ ଗତ ମାସ ୨୨ ତାରିଖରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗାଙ୍କ ନିକଟରେ ଦାବି କରିଥିଲେ। ଖଲ୍ଲିକୋଟ ଏନ୍‌ଏସିରେ ଗତ ଦୁଇ ବର୍ଷ ହେଲା ଉନ୍ନୟନ ମୂଳକ କାର୍ଯ୍ୟ ପ୍ରାୟ ଠପ ହୋଇଯାଇଥିଲା। ଗତ ମାସ ୧୦ ତାରିଖରେ ଏନ୍‌ଏସିରେ ପ୍ରାୟ ଅଢେଇ କୋଟି ଟଙ୍କା ବ୍ୟୟରେ ୭୩ ଗୋଟି ଉନ୍ନୟନ ମୂଳକ କାର୍ଯ୍ୟ ହେବା ନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୧୮ ତାରିଖରେ ଟେଣ୍ଡର ସିଲ୍ ଖୋଲା ଯିବାକୁ ଥିବାବେଳେ ସେହିଦିନ ହିଁ ସାଂସଦଙ୍କ ସମର୍ଥକ ଗୋଷ୍ଠୀ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଶି ପାଟିତୁଣ୍ଡ କରିବା ସହିତ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବାତିଲ ଦାବି କରିଥିଲେ।

ଅନ୍ୟ ପକ୍ଷରେ ବିଧାୟକଙ୍କ ସମର୍ଥକ କୁହାଯାଉଥିବା ତଥା ଟେଣ୍ଡର ପକେଇଥିବା ଗୋଷ୍ଠୀ ୨୨ ତାରିଖରେ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଶୀଘ୍ର ଟେଣ୍ଡର ଖୋଲିବାକୁ ଦାବି କରିଥିଲେ। ସାଂସଦ ଗୋଷ୍ଠୀ ଟେଣ୍ଡର ପ୍ରକ୍ରିୟାକୁ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗୋଟିଏ ଟିମ୍ ଓ ପିଡି ଡୁଡାଙ୍କ ଗୋଟିଏ ଟିମ୍ ଖଲ୍ଲିକୋଟ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରି ଫେରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଠାରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ମଙ୍ଗଳବାର ଏ ସମ୍ପର୍କ ରେ ଆଲୋଚନା କରିବାକୁ କାଉନସିଲରଙ୍କ ଏକ ସ୍ୱତନ୍ତ୍ର ବୈଠକ ଡକା ଯାଇଥିଲା।

ରାଜନୈତିକ ଛକାପଞ୍ଝାକୁ ନେଇ ବୈଠକରେ ସମସ୍ତ କାଉନସିଲର ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଶୀଘ୍ର ଟେଣ୍ଡର ଖୋଲି କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଅନୁମତି ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରି ଏକ ରେଜୁଲେସନ ପାସ ହୋଇଥିଲା। ଏ ସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗା ଓ ଏନଏସି ଅଧ୍ୟକ୍ଷ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ସରକାରଙ୍କ ନିୟମ ମୁତାବକ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଗତ ୧୦ ତାରିଖରେ ଟେଣ୍ଡର ସମ୍ପର୍କିତ ନୋଟିସ ଏନ୍‌ଏସି କାର୍ଯ୍ୟାଳୟ ନୋଟିସ ବୋର୍ଡ ସମେତ ସମସ୍ତ ପ୍ରମୁଖ କାର୍ଯ୍ୟାଳୟ ମାନଙ୍କରେ ଲଟକା ଯାଇଥିଲା ଏବଂ ୧୮ ତାରିଖରେ ସମସ୍ତଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯାଇଥିଲା। ତେଣୁ ସେମାନେ ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇ ନଥିବା କହିବା ସହିତ ଟେଣ୍ଡର ଖୋଲିବାକୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଛୁ ବୋଲି କହିଛନ୍ତି।

## ଜାତୀୟ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

**ମୋହନା,୨୧।୧(ସମିସ):** ମୋହନା ସ୍ଥିତ ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ୭ ଦିନ ଧରି ଚାଲିଥିବା ଜାତୀୟ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମୋହନା ବନାଞ୍ଚଳ ବନପାଳ ଲକ୍ଷ୍ମୀକାନ୍ତ ପାତ୍ର, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ସମ୍ମାନୀତ ଅତିଥି ହିଲ୍‌ଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଅନୀଲ କୁମାର ତ୍ରିପାଠୀ, ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ଼. ପ୍ରଣବାନନ୍ଦ ପାଟଯୋଷୀ, ଅଧ୍ୟାପକ ଜଗନ୍ନାଥ ପଣ୍ଡା ଓ ଅଧ୍ୟାପକ ଡ଼. ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ।

ଜାତୀୟ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ରୀତା କୁମାରୀ ଶତପଥୀଙ୍କ ନେତୃତ୍ୱରେ ୫୦ ଜଣ ଛାତ୍ରଛାତ୍ରୀ ସାତ ଦିନିଆ କାର୍ଯ୍ୟକ୍ରମରେ ସଫେଇ ସହ ବିଭିନ୍ନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଶେଷ ଦିନରେ ମହାବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ମୋହନା ସହର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ ସହ ତହସିଲ, ବ୍ଲକ, ଡାକ୍ତରଖାନା ପରିସର, ଶିବମନ୍ଦିର, ଚର୍ଚ୍ଚକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଉଦଯାପନି ଶିବିରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

